## ଗଞ୍ଜାମକୁ ବିଦେଶୀ ଅତିଥିଙ୍କ ଆଗମନ

# ଋଷିକୁଲ୍ୟା ମୁହାଣରେ ଗଣଅଣ୍ଡାଦାନ; ଗଣନାରେ ଥର୍ମାଲ ଡ୍ରୋନ୍ ବ୍ୟବହୃତ

ବ୍ରହ୍ମପୁର,୧୬।୩(ସମିସ):

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଦେଶୀ ଅତିଥି ତଥା ବିରଳ ଅଲିଭ୍ ରିଡ୍‌ଲେ ଗଞ୍ଜାମ ଜିଲ୍ଲାକୁ ଆସିଛନ୍ତି। ଋଷିକୁଲ୍ୟା ମୁହାଣରେ ଏହି ବିରଳ ଅଲିଭ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ଆରମ୍ଭ ହୋଇଛି ବୋଲି ବ୍ରହ୍ମପୁର ଡିଏଫ୍‌ଓ ସୋନି ଖୋକର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଋଷିକୁଲ୍ୟା ମୁହାଣରେ



**ଖରାପ ପାଣିପାଗ ପାଇଁ ଅଣ୍ଡାଦାନ ବ୍ୟାଘାତ ଆଶଙ୍କା**

**ସୋମବାର ସକାଳ ସୁଦ୍ଧା ଅଣ୍ଡା ଦେଇଛନ୍ତି ୮୦, ୧୨୦ କଇଁଛ**

ତୃତୀୟ ଦିନରେ ଅଣ୍ଡାଦାନ ଜାରି ରହିଛି। ୫ କିଲୋମିଟରରେ ୧୦୦ଟି ସେଗ୍‌ମେଣ୍ଟ ହୋଇଛି। ସବୁ ସେଗମେଣ୍ଟରେ ୩ଜଣ ଲେଖାଏଁ କର୍ମଚାରୀ ଗଣନାରେ ନିୟୋଜିତ ରହିଛନ୍ତି। ଚଳିତବର୍ଷ ଗଣନାରେ ଥର୍ମାଲ ଡ୍ରୋନ୍‌ର ବ୍ୟବହାର କରାଯାଇଛି। ଆଇଲାଣ୍ଡ ବିଚରେ ସର୍ବାଧିକ ଅଣ୍ଡାଦାନ ଜାରି ରହିଛି। ପୋଡ଼ମପେଟାରେ ବେଳାଭୂମି ନଷ୍ଟ ହୋଇଥିବାରୁ ଅଣ୍ଡାଦାନ ସେହି ଅଞ୍ଚଳରେ କମିଛି। ପୂର୍ବରୁ ଏହି ସମୟରେ ଅନେକ ଥର ଗଣଅଣ୍ଡାଦାନ ହୋଇଛି। ପ୍ରତିବର୍ଷ ଫେବୃଆରୀ ଓ ମାର୍ଚ୍ଚରେ ଗଣଅଣ୍ଡାଦାନ ହୁଏ। ଚଳିତବର୍ଷ ମାର୍ଚ୍ଚରେ ହୋଇଛି। ବର୍ଷା ସମେତ ପାଣିପାଗରେ ପରିବର୍ତ୍ତନ ଗଣ ଅଣ୍ଡାଦାନରେ ପ୍ରଭାବ ପକାଉଛି। ବିଗତବର୍ଷ ଦୁଇଟି ପର୍ଯ୍ୟାୟରେ ୯ ଲକ୍ଷ ୪ ହଜାର କଇଁଛ ଅଣ୍ଡାଦନ କରିଛନ୍ତି। ଚଳିତବର୍ଷ ଗୋଟିଏ ପର୍ଯ୍ୟାୟରେ ହିଁ ଗଣ ଅଣ୍ଡାଦାନ ହେବ। ହରିପୁର ଅଞ୍ଚଳରେ କଇଁଛ ମୃତ୍ୟୁ ଖବର ଆସିଥିଲା। ବନବିଭାଗର ଷ୍ଟାଣ୍ଡାର୍ଡ ଏସ୍‌ଓପି ଅନୁଯାୟୀ ମୃତଦେହ ଗୁଡ଼ିକୁ ବେଳାଭୂମିରେ ପୋତିବାକୁ ନିୟମ ରହିଛି। ତେବେ ଉଚ୍ଚ ଜୁଆର ଆସିବା କାରଣରୁ ବାଲି ଧୋଇ ଯାଇଥିଲା। ପୋତା ଯାଇଥିବା କଇଁଛ ବାହାରେ ଦେଖା ଯାଇଥିଲେ। ଘଟଣା ସ୍ଥଳରେ ଏସିଏଫ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

୨୦୨୩ରେ ଉକ୍ତ ବେଳାଭୂମିରେ ଗଣ ଅଣ୍ଡାଦାନ ହୋଇଥିଲା। ଚଳିତବର୍ଷ ପୁଣିଥରେ ସେଠାରେ ଗଣଅଣ୍ଡାଦାନ ଜାରି ରହିଛି। ସମ୍ପ୍ରତି ଗଞ୍ଜାମ ଜିଲ୍ଲାରେ ଋଷିକୁଲ୍ୟା ମୁହାଣରେ ପ୍ରଥମ ଦିନରେ ୧୦ ହଜାର ୨୨୦ ଓ ଦ୍ୱିତୀୟ ଦିନରେ ୬୯ ହଜାର ୯୦୦ ମୋଟ ୮୦ ହଜାର ୧୨୦ କଇଁଛ ସୋମବାର ସକାଳ ସୁଦ୍ଧା ଗଣ ଅଣ୍ଡାଦାନରେ ସାମିଲ ହୋଇଥିବା ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର କହିଛନ୍ତି। ଅପରପକ୍ଷେ ଗୋପାଳପୁର ସନ୍ନିକଟ ହରିପୁର ବେଳାଭୂମିରେ ରବିବାର ଭୋରୁ ୨୦ଟି ଅଲିଭ ରିଡଲେ କଇଁଛଙ୍କ ମୃତଦେହ ପଡ଼ିଥିବା ଖବର ପ୍ରକାଶିତ ହୋଇଥିଲା। ଘଟଣା ଲୋକ ଲୋଚନକୁ ଆସିଥିବା ବେଳେ ବ୍ରହ୍ମପୁର ବନବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାର ତଦନ୍ତ ପାଇଁ ଜଣେ ଏସିଏଫ୍‌ଙ୍କୁ ନିୟୋଜିତ କରାଯାଇଥିବା ବେଳେ ସ୍ଥାନୀୟ ବନପାଳ ଓ ଦୁଇଜଣ ବନରକ୍ଷୀଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି।

### ଦ୍ୱିତୀୟ ରାତିରେ ୬୯ ୯୦୦ କଇଁଛ ସାମିଲ



**ଗଞ୍ଜାମ,୧୬।୩(ସମିସ):** ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ଅଲିଭ ରିଡଲେଙ୍କ ଗଣଅଣ୍ଡାଦାନ ପର୍ବର ଦ୍ୱିତୀୟ ରାତ୍ରରେ ୬୯, ୯୦୦ ଗୋଟି ମା' କଇଁଛ ବେଳାଭୂମି ଉପରକୁ ଉଠିଆସି ଅଣ୍ଡାଦାନ କରିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ରାତିରେ ୧୦,୨୨୦ ଗୋଟି ଅଲିଭ ରିଡଲେ ବେଳାଭୂମିରେ ଗଣ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ରାତ୍ରରେ ସମୁଦାୟ ୮୦,୧୨୦ କଇଁଛ ଗଣ ଅଣ୍ଡାଦାନ କରିସାରିଛନ୍ତି। ଦ୍ୱିତୀୟ ରାତ୍ରରେ ମଧ୍ୟ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଗୋଖରକୁଦା ସମ୍ମୁଖରେ ରହିଥିବା ଆୟରଲ୍ୟାଣ୍ଡରେ ଗଣ ଅଣ୍ଡାଦାନ ହୋଇଥିବା ଲକ୍ଷ୍ୟ କରାଯାଇଛି। ପାଗ ମେଘୁଆ ରହିଥିବା ଯୋଗୁଁ ତୃତୀୟ ରାତ୍ରରେ ଗଣ ଅଣ୍ଡାଦାନ ବ୍ୟାଘାତ ହୋଇପାରେ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି।

## ● ହାଇସ୍କୁଲ ପରିଚାଳନା କମିଟି ଗଠନ ପାଇଁ ସଭା

# ବିଧାୟକଙ୍କ ଅନୁପସ୍ଥିତିରୁ କର୍ମକର୍ତ୍ତା ଚୟନ ସ୍ଥଗିତ

ଦିଗପହଣ୍ଡି,୧୬।୩(ସମିସ): ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ହାଇସ୍କୁଲ ପରିଚାଳନା କମିଟି ଗଠନ ନିମନ୍ତେ ସୋମବାର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କାରଣରୁ ଗତ ୨୦୧୯ରୁ ଦୀର୍ଘ ୭ ବର୍ଷ ହେଲା ହାଇସ୍କୁଲ ପରିଚାଳନା କମିଟି ଗଠନ ହୋଇପାରିନଥିଲା। ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବମୋକେଇ ଗ୍ରାମ ସ୍ଥିତ ଚିଦାନନ୍ଦ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ ଚନ୍ଦ୍ର ଦାସ ସଭାରେ ପର୍ଯ୍ୟବେକ୍ଷକ ରୂପେ ଉପସ୍ଥିତ ଥିଲେ। ପରିଚାଳନା କମିଟି ଗଠନ ନିମନ୍ତେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ସଭାରେ ପାଠ କରାଯାଇଥିଲା। ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସମେତ ସରପଞ୍ଚ ବି. ଲିଙ୍ଗରାଜ ଦୋରା, ସମିତିସଭ୍ୟ ଗଣେଶ ମଲ୍ଲିକ, ପରିଚାଳନା କମିଟି ପୂର୍ବତନ ସଭାପତି ତଥା ପୂର୍ବତନ ସରପଞ୍ଚ କେ. ସଞ୍ଜୀବ କୁମାର ରେଡ୍ଡୀ, ଶିବପ୍ରସାଦ ପ୍ରଧାନ, ଏଫ୍. ରାଜୀବ ଲୋଚନ ରେ‡ୀ, ରବୀନ୍ଦ୍ର ପାତ୍ର, ପୂର୍ଣ୍ଣ ରେଡ୍ଡୀ, ବି. ଝିଲି ଦୋରା, ବୁଢୁ ସେଠୀଙ୍କୁ ନୂତନ ପରିଚାଳନା କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ସୋମବାର ରାଜ୍ୟସଭା ନିର୍ବାଚନ ଥିବାରୁ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ସଭାରେ ଅନୁପସ୍ଥିତ କାରଣରୁ ପରବର୍ତ୍ତୀ ବୈଠକରେ କମିଟି କାର୍ଯ୍ୟକର୍ତ୍ତା ଚୟନ ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା।

# ମା'ଗ୍ରାମଦେବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଷୋଳଭାଗପେଣ୍ଠ ଚାମ୍ପିଅନ




ପାତ୍ରପୁର,୧୬।୩(ସମିସ): ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମରେ ଚାଲିଥିବା ମା' ଗ୍ରାମଦେବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନରସିଂହପୁର ମହାଦେବ ଏକାଦଶ ଟିମକୁ ପରାସ୍ତ କରି ଷୋଳଭାଗପେଣ୍ଠ ଦଳ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଆଞ୍ଚଳିକ ଦଳ ଭାଗ ନେଇଥିଲା। ଫାଇନାଲରେ ଟସ ଜିତି ଷୋଳଭାଗପେଣ୍ଠ ଦଳ ୧୫ ଓଭରରେ ୬ ୱିକେଟ ବିନିମୟରେ ୧୪୩ ରନ କରିଥିଲେ। ଜବାବରେ ନରସିଂହପୁର ଦଳ ୧୫ ଓଭରରେ ୫ ୱିକେଟ ହରାଇ ୧୧୬ ରନରେ ସୀମିତ ରହିଥିଲା। ଫାଇନାଲ୍ ଖେଳକୁ ଏ. ଅନିଲ ଓ ସୌମ୍ୟରଞ୍ଜନ ପ୍ରଧାନ ପରିଚାଳନା କରିଥିବା ବେଳେ ବିଜୟ କୁମାର ଗୌଡ଼ ଧାରାବିବରଣୀ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ସାଂସଦ ପ୍ରତିନିଧି ମୀନା ଦ୍ୟାନସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏ କେଶବ, ଜାଗିଲି ରଣା, ବିଜୟ ରଣା ପ୍ରମୁଖ ଯୋଗଦେଇ ଚମ୍ପିଅନ ଦଳକୁ ଟ୍ରଫି ସହ ୧୫ ହଜାର ଓ ପରାଜିତ ଦଳକୁ ଟ୍ରଫି ସହ ୧୨ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ତିମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ମଙ୍ଗଳା ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଏ. ବାଲୁଙ୍କୁ ପୁରସ୍କୃତ କରାଯାଇଥିଲା।

# ଗାଈ ଚରାଇବାକୁ ଯାଇଥିଲେ; ଦଳିଦେଲା ଦନ୍ତା

ଭଞ୍ଜନଗର,୧୬।୩(ସମିସ): ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ଦଳି ଦେଲା ଦନ୍ତା। ଏଭଳି ଅଭାବନୀୟ ଘଟଣା ସୋମବାର ବାଇବାଲି ସଂରକ୍ଷିତ ଜଙ୍ଗଲର ଭାଗ ନମ୍ବର-୬ରେ ଦେଖିବାକୁ ମିଳିଛି। ମୃତକ ହେଲେ ବାଇବାଲି ନୂଆସାହିର କୃପାସିନ୍ଧୁ ସ୍ୱାଇଁ(୬୫)। ରବିବାର କୃପାସିନ୍ଧୁ ଜଙ୍ଗଲକୁ ଯାଇ ରାତିରେ ଘରକୁ ଫେରି ନଥିଲେ। ଆଉ ସୋମବାର ସକାଳେ ତାଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା।

ପ୍ରକାଶ ଯେ, ରବିବାର ସକାଳୁ କୃପାସିନ୍ଧୁ ଗାଈ ନେଇ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ଅପରାହ୍ନରେ ହଠାତ୍ କାଳବୈଶାଖୀ ବର୍ଷା ଓ ଝଡ଼ତୋଫାନ ହୋଇଥିଲା। ଗାଈଗୋରୁ ସନ୍ଧ୍ୟାରେ ଘରକୁ ଫେରି ଆସିଥିଲେ ମଧ୍ୟ ସେ ଫେରିନଥିଲେ। ପରିବାର ଲୋକେ ଶଙ୍କାଗ୍ରସ୍ତ ହୋଇ ପଡିଥିଲେ ମଧ୍ୟ ରାତିରେ ଜଙ୍ଗଲକୁ ଯିବାକୁ ଉଚିତ ମଣିନଥିଲେ। ସୋମବାର ଭୋରରୁ ଜଙ୍ଗଲକୁ ଯାଇ ଖୋଜାଖୋଜି କରିବାରୁ ଘଞ୍ଚ ଜଙ୍ଗଲ ମଧ୍ୟରେ ତାଙ୍କର ମୃତଦେହ ପଡ଼ିଥିଲା। ଆଉ ନିକଟରେ ହାତୀ ପାଦ ଚିହ୍ନ ଦେଖି ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରିଥିଲେ। ଏନେଇ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ବାଇବାଲି ବନପାଳ ଟୁନା ମଳିକ ଘଟଣାସ୍ଥଳରେ ପହଞ୍ଚି ଏନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ସୂଚନା ଦେଇଥିଲେ। ଆଉ ଏସଂପର୍କରେ ଜାଣିବା ପରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥୀରାଜ ପ୍ରଧାନ, ଏସିଏଫ୍ ବିମଳ ଦାଶ ଅନ୍ୟ ଷ୍ଟାଫଙ୍କ ସହ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ ଯେ, ରବିବାର ଏହି ବନଖଣ୍ଡର ତାରା ସିଂ ବନାଞ୍ଚଳର କଦଳୀଗଡ଼ ଜଙ୍ଗଲରେ ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଏହାର କାରଣ ଏଯାଏ ଅସ୍ପଷ୍ଟ ରହିଥିବା ବେଳେ ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟଣା ବନ କର୍ମଚାରୀଙ୍କ ନିଦ ହଜାଇ ଦେଇଛି।

# ଯୁବକଙ୍କୁ ହତ୍ୟା କରି କୂଅରେ ଫିଙ୍ଗିଦେଲେ

ଗଞ୍ଜାମ,୧୬।୩(ସମିସ): ଗଞ୍ଜାମ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ନିକଟସ୍ଥ ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ରବିବାର କୂଅରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା କିଛି ଲୋକ ଦେଖି ଗଞ୍ଜାମ ଥାନାକୁ ଜଣାଇଥିଲେ। ଆଇଆଇସି ସୁମିତ୍ରା ପାତ୍ର ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଥିଲେ। ସୋମବାର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ଶବ ଉଦ୍ଧାର କରିଥିଲେ। ଅନ୍ୟପଟେ ସାଇଣ୍ଟିଫିକ୍ ଟିମ ମଧ୍ୟ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ବ୍ୟକ୍ତି ଜୋତା, ଜିନ୍ସ ପ୍ୟାଣ୍ଟ ସାର୍ଟ ପିନ୍ଧିଥିବା ବେଳେ ପର୍ସରୁ ବ୍ରହ୍ମପୁର ହିଲପାଟଣା ଅଞ୍ଚଳର ବୋଲି ଠିକଣା ପୁଲିସ ଜାଣିପାରିଛି। କେହି ଦୁର୍ବୃତ୍ତ ତାଙ୍କୁ କେଉଁଠି ହତ୍ୟା କରି ଏଠାରେ କୂଅରେ ଫିଙ୍ଗି ଦେଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ସନ୍ଦେହ କରୁଛି। ତେବେ ପରିଚୟ ମିଳି ନଥିବାବେଳେ ଶବ ବ୍ୟବଛେଦ ପରେ ମୃତ୍ୟୁର ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ କହିଛି।

# ମହୁରୀକାଳୁଆଙ୍କ ବାର୍ଷିକ ଉତ୍ସବ ଲାଗି ଶୁଭଖୁଣ୍ଟି

କୁକୁଡ଼ାଖଣ୍ଡି,୧୬।୩(ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶକ୍ତି ପୀଠ ତଥା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଅନନ୍ତାଇ ପଞ୍ଚାୟତରେ ବିଜେ ମା' ମହୁରୀ କାଳୁଆଙ୍କ ବାର୍ଷିକ ଉତ୍ସବ ଲାଗି ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି। ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେଓ ଯୋଗଦେଇ ପୂଜାର୍ଚ୍ଚନା କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆସନ୍ତା ମେରୁ ସଂକ୍ରାନ୍ତିରେ ହେବାକୁ ଥିବା ବାର୍ଷିକ ଉତ୍ସବ ଲାଗି ଆଲୋଚନା ହୋଇଥିଲା। ମନ୍ଦିର ଉନ୍ନୟନ କମିଟି ସଭାପତି ପ୍ରମୋଦ ଜେନା, ସମ୍ପାଦକ ନିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ କାମେଶ୍ୱର ବିଶ୍ୱାଳ, କିଶୋରଚନ୍ଦ୍ର ପାତ୍ର, ହିଞ୍ଜିଳି ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ଏ ଚିନ୍ତାମଣି, ଜଗନ୍ନାଥ ରାଉତ, ଜାଗିଲି କୋଠିଆ, ନାରାୟଣ ବିଷୋଇଙ୍କ ସମେତ ବହୁ ସଂଖ୍ୟକ ଜନପ୍ରତିନିଧି ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ।



## ଗ୍ୟାସ କଳାବଜାରୀ ଅଭିଯୋଗ

# ମୋହରା ହୋଇଛନ୍ତି ଉଜ୍ଜଳା ହିତାଧିକାରୀ

**ବେଲଗୁଣ୍ଠା,୧୬।୩(ସମିସ):** ସରକାରୀ ନିୟମକୁ ବେଖାତିର କରି ବେଲଗୁଣ୍ଠା ଅଞ୍ଚଳରେ ଚାଲିଛି ଗ୍ୟାସର ବେଆଇନ କାରବାର। ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ସିଲିଣ୍ଡରକୁ ବ୍ୟବସାୟିକ କ୍ଷେତ୍ରରେ ବ୍ୟବହାର କରାଯାଇ ବ୍ୟାପକ କଳାବଜାରୀ ଚାଲିଥିବା ବେଳେ ଏଥିରେ ଗ୍ୟାସ ବିତରକ ଓ ବ୍ୟବସାୟୀଙ୍କ ମଧ୍ୟରେ ଥିବା ଅସାଧୁ ମେଣ୍ଟ ଏବେ ପଦାରେ ପଡ଼ିଛି। ଯାହାଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ବେଳେ ସାଧାରଣ ଗ୍ରାହକ ଶୋଷଣର ଶିକାର ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, 'ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା'ର ସରଳ ଗ୍ରାହକମାନଙ୍କୁ ଏହି କଳାବଜାରୀର ମୋହରା ବନାଯାଉଛି। ଗ୍ରାହକଙ୍କ ଅଜାଣତରେ ତାଙ୍କ ନାମରେ ଗ୍ୟାସ ବୁକିଂ କରାଯାଉଛି। ସରକାରଙ୍କ ତରଫରୁ ମିଳୁଥିବା ୩୦୦ ଟଙ୍କାର ସବ୍‌ସିଡି ହିତାଧିକାରୀଙ୍କ ଆକାଉଣ୍ଟକୁ ଆସୁଥିବାରୁ ଗ୍ରାହକ ଜଣକ ଖୁସି ହୋଇ ଚୁପ୍ ରହୁଛନ୍ତି। ମାତ୍ର ବାସ୍ତବରେ ସେହି ସିଲିଣ୍ଡର ଗ୍ରାହକଙ୍କ ପାଖକୁ ନଯାଇ ବିତରକଙ୍କ ଜରିଆରେ ବ୍ୟବସାୟୀଙ୍କ ପାଖକୁ ଚାଲାଣ ହେଉଛି। ନିୟମ ଅନୁଯାୟୀ, ହୋଟେଲ, ଢାବା ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ କମର୍ସିଆଲ ସିଲିଣ୍ଡର ବ୍ୟବହାର କରିବା କଥା। ମାତ୍ର ଏହାର ଦାମ ଅଧିକ ଥିବାରୁ ବ୍ୟବସାୟୀମାନେ ବିତରକଙ୍କ ସହ ସଲାସୁତୁରା କରି କମ୍ ଦାମରେ ଘରୋଇ ସିଲିଣ୍ଡର ବ୍ୟବହାର କରୁଛନ୍ତି। ଏହି ବେଆଇନ କାରବାର ଯୋଗୁଁ ଏବେ ବହୁ ଉଜ୍ଜଳା ଗ୍ରାହକ ଓ ବିତରକଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଲାଣି। ଯେତେବେଳେ ଜଣେ ପ୍ରକୃତ ଗ୍ରାହକ ଗ୍ୟାସ ପାଇଁ ଯାଉଛନ୍ତି, ତାଙ୍କ ନାମରେ ପୂର୍ବରୁ ଗ୍ୟାସ ଉଠାଯାଇଥିବା ଦେଖିବାକୁ ମିଳୁଛି। ଗତ ତିନିଦିନ ହେଲା ବହୁ ଉଜ୍ଜଳା ହିତାଧିକାରୀ ବେଲଗୁଣ୍ଠା ସ୍ଥିତ କେଏସ୍‌ୟୁବି ଇଣ୍ଡେନ ଗ୍ୟାସ ବିତରକ କାର୍ଯ୍ୟାଳୟରେ ପହଞ୍ଚି ଆମ ଅଜାଣତରେ କାହିଁକି ପୂର୍ବରୁ ଗ୍ୟାସ ବୁକିଂ କରୁଥିଲ ବୋଲି ଅଭିଯୋଗ କରୁଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବେଲଗୁଣ୍ଠା ଅଞ୍ଚଳରେ ଚାଲିଥିବା ଏହି ବ୍ୟାପକ ଗ୍ୟାସ କଳାବଜାରୀ ଉପରେ ପ୍ରଶାସନ କେବେ ଦୃଷ୍ଟି ଦେଉଛି ଏବଂ ଏହି ଅସାଧୁ ବ୍ୟବସାୟୀ ଓ ବିତରକଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଦେଖିବାକୁ ବାକି ରହିଲା।

# ତାରାତାରିଣୀ ଯାତ୍ରାରେ ସାମିଲ ହେବେ ପାରଳାଖେମୁଣ୍ଡି ସ୍ୱେଚ୍ଛାସେବୀ



ପାରଳାଖେମୁଣ୍ଡି,,୧୬।୩(ସମିସ): ଦକ୍ଷିଣ ଓଡ଼ିଶାର ଆରାଧ୍ୟ ଦେବୀ ତଥା ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟସ୍ଥ ଋଷିକୂଲ୍ୟା ନଦୀକୂଳରେ ଅବସ୍ଥିତ ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଗତ ମଙ୍ଗଳବାରରୁ ଆରମ୍ଭ ହୋଇଯାଇଛି। ଯାତ୍ରାର ପ୍ରଥମ ପାଳି ମଙ୍ଗଳବାରରେ ଯେତିକି ଭକ୍ତଙ୍କ ସମାଗମ ହୋଇଥିଲା ଦ୍ୱିତୀୟ ପାଳିରେ ବାରୁଣୀ ସ୍ନାନ ପଡୁଥିବାରୁ ତଥା ଦଣ୍ଡୁଆ ମାନସିକ କରି ୨୧ଦିନିଆ ଦଣ୍ଡଯାତ୍ରା ଆରମ୍ଭକୁ ନଜରରେ ରଖି ପ୍ରବଳ ଭକ୍ତଙ୍କ ସମାଗମ ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ବିଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ଯାତ୍ରାରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି, ଛତ୍ରପୁର, ଭୁବନେଶ୍ୱର ତଥା ଅନୁଗୁଳ ଭଳି ବିଭିନ୍ନ ଅଞ୍ଚଳର ଶତାଧିକ ସ୍ୱେଚ୍ଛାସେବୀ ଉକ୍ତ ଯାତ୍ରାରେ ଯୋଗଦେଇ ସେବା କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଆଜି ଏକ ଦଳ ପାରଳାଖେମୁଣ୍ଡିରୁ ଯୁବ ସମାଜସେବୀ ଏନ. ବସନ୍ତ ଓ ଟି. ଯଶୋବନ୍ତ, ଭୁବନେଶ୍ୱରରୁ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ମୁଖ୍ୟ ନୀଳମଣି ମିଶ୍ର, ଅନୁଗୁଳରୁ ସମୀର ପ୍ରଧାନ ତଥା ଛତ୍ରପୁରରୁ ମନୋରଞ୍ଜନ ବେହେରା, ମନୋଜ ମିଶ୍ର, ଟୁଟୁ ନାୟକଙ୍କ ନେତୃତ୍ୱରେ ଏକ ଦଳ ମିଳିତ ଭାବେ ମା ତାରାତାରିଣୀ ଶକ୍ତିପୀଠ ଅଭିମୁଖେ ଯାତ୍ରା କରିଛନ୍ତି।

## ● ଛତ୍ରପୁରରେ ଏଲ୍‌ପିଜି ସଙ୍କଟ

# ଗ୍ୟାସ ଅଫିସ୍ ଆଗରେ ଗ୍ରାହକଙ୍କ ଲମ୍ବା ଲାଇନ୍

**ଛତ୍ରପୁର,୧୬।୩(ସମିସ):** ଗ୍ୟାସ ବୁକିଂ ନମ୍ବର ଲାଗୁନାହିଁ, ପୂର୍ବରୁ ବୁକିଂ ଥିଲେ ବିଳମ୍ବ ହେଉଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତାଣ୍ଡବ ମଧ୍ୟରେ ମୁଣ୍ଡ ଟେକିଛି ବଡ଼ ଧରଣର ଶକ୍ତି ସଂକଟ। ଭାରତ ମଧ୍ୟ ଏହି ସମସ୍ୟାରୁ ବାହାରି ପାରିନାହିଁ। ଏଭଳି ସ୍ଥିତିରେ ଦେଶରେ ଦେଖାଦେଇଛି ଭୟଙ୍କର ଏଲ୍‌ପିଜି ସଂକଟ। ସାଧାରଣ ଖାଉଟି ବେହାଲ। ଏହାର ପ୍ରଭାବ ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ମଧ୍ୟ ପଡିଛି।୨୫ ଦିନ ତଳୁ ବୁକିଂ କରିଥିବା ଉପଭୋକ୍ତା ଏ ଯାଏ ସିଲିଣ୍ଡର ପଇପାରିନାହାନ୍ତି। ଯାହା ଫଳରେ ସାଧାରଣ ଲୋକେ ଏଲ୍‌ପିଜି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଗ୍ୟାସ ପାଇବାର ୨୫ ଦିନ ପରେ ପୁଣି ଆଉ ଏକ ନୂଆ ଗ୍ୟାସ ବୁକିଂ କରିବାକୁ ପଡୁଛି। ଘରୋଇ ସିଲିଣ୍ଡର ଯୋଗାଣରେ ଯେଭଳି କୌଣସି ବାଧା ନ ଆସିବ ସେଥିପାଇଁ ସରକାର ତାଗିଦ୍ କରିଛନ୍ତି। ଏହା ସତ୍ତ୍ୱେ ବି ସ୍ଥିତିରେ ସୁଧାର ଆସି ନ ଥିବା ଦେଖାଯାଉଛି। ଆଜି ଛତ୍ରପୁର ସ୍ଥିତ ଶକ୍ତି ଏଣ୍ଟର ପ୍ରାଇଜର୍ସ ତଥା ଏଚ୍‌ପି ଗ୍ୟାସ ସମ୍ମୁଖରେ କେୱାଇସି ସହିତ ବୁକିଂ କରିବା ପାଇଁ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ଇ-କେୱାଇସି ନ କଲେ ଗ୍ୟାସ ବୁକିଂ ହେଉନାହିଁ। ବାତିଲ ହୋଇଯାଉଛି। ଏଣୁ ଇ-କେୱାଇସି କରିବା ପାଇଁ ଏଚପି ଅଫିସ ଆଗରେ ଗ୍ରାହକ ମାନେ ଭିଡ଼ ଜମାଇଛନ୍ତି। ଦୀର୍ଘ ସମୟ ଧରି ଲାଇନରେ ଛିଡା ହୋଇ ରହିଛନ୍ତି ଗ୍ରାହକ। ସୂଚନା ମୁତାବକ ଛତ୍ରପୁର ଏଜେନ୍ସି ନିକଟରେ ୫୮୪ ହାଣ୍ଡି ଷ୍ଟକ ରହିଥିବା ବେଳେ ଏବେ ସୁଦ୍ଧା ୩୬୧୫ ଜଣ ଗ୍ୟାସ ବୁକିଂ କରିଛନ୍ତି ସେସବୁ ପେଣ୍ଡିଙ୍ଗ ହୋଇ ରହିଛି। ସେହିପରି କମର୍ସିଆଲ ଗ୍ୟାସ ଆସୁନଥିବାରୁ ଏହାର ସିଧାସଳଖ ପ୍ରଭାବ ହୋଟେଲ ବ୍ୟବସାୟୀମାନଙ୍କ ଉପରେ ପଡୁଛି। ଫଳରେ ସହରରେ ବହୁ ହୋଟେଲ ବନ୍ଦ ରହିଛି। ଅନ୍ୟପଟେ କିଛି ହୋଟେଲ ମାଲିକ କାଠଚୁଲା ମାଧ୍ୟମରେ ରୋଷେଇ କରିବା ଆରମ୍ଭ କରିଛନ୍ତି।



## ଗୋପାଳପୁର ବନ୍ଦର ଭେଣ୍ଡର ଓ କଣ୍ଟ୍ରାକ୍ଟରଙ୍କ ସମସ୍ୟା

# ତ୍ରିପାକ୍ଷିକ ବୈଠକରେ ସମାଧାନ ହେଲାନି; ୨୪ରେ ପୁଣି ବସିବ

ଛତ୍ରପୁର,୧୬।୩(ସମିସ):

ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରରେ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଏବଂ କଣ୍ଟ୍ରାକ୍ଟରମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟାନ୍ୟ ଶ୍ରମିକମାନଙ୍କୁ ସମାନ କାମକୁ ସମାନ ଦରମା ସମେତ ବିଭିନ୍ନ ଦାବି ପୂରଣ ନେଇ ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୂର ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନ ଏବଂ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଥାଶୀଘ୍ର ସେମାନଙ୍କ ଦାବି ଉପରେ ଆଲୋଚନା ନ କଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରମିକମାନେ ଚେତାବନୀ ଦେଇଥିଲେ। ଏନେଇ ସୋମବାର ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା।



ଏଥିରେ ଛତ୍ରପୁର ପୁଲିସ ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକ, ବ୍ରହ୍ମପୁର ଡିଭିଜନ ଲେବର କମିସନର (ଡ଼ିଏଲସି) ବାବୁଚରଣ ପାତ୍ର, ଛତ୍ରପୁର ଜିଲ୍ଲା ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା ଏବଂ ସ୍ୱୀକୃତିପ୍ରାପ୍ତ କଣ୍ଟ୍ରାକ୍ଟର ଓ ଭେଣ୍ଡରମାନେ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଅପରେଟର, ଡ୍ରାଇଭର ଓ ଅନ୍ୟାନ୍ୟ ଶ୍ରମିକ ମାନଙ୍କ ବିଭିନ୍ନ ଦାବି ଏବଂ ଅଭିଯୋଗ ଉପରେ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ସେମାନଙ୍କ ନାଯ୍ୟ ଦାବି ସମ୍ପର୍କରେ କର୍ମକର୍ତ୍ତାମାନେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାଖାପାଖି ୨ ଘଣ୍ଟା ବିଭିନ୍ନ ବିଷୟରେ ଆଲୋଚନା ପରେ ମଧ୍ୟ କୌଣସି ସମାଧାନର ବାଟ ବାହାରି ନଥିଲା। ଆସନ୍ତା ୨୪ ତାରିଖରେ ଡିଏଲ୍‌ସି ପକ୍ଷରୁ ପୁଣି ଏକ ବୈଠକ କରି ସଂଘର ବିଭିନ୍ନ ଅଭିଯୋଗ ତଥା ଦାବି ନେଇ କଣ୍ଟ୍ରାକ୍ଟରମାନଙ୍କ ସହିତ ଆଲୋଚନା କରିବା ନିମନ୍ତେ ଉପଜିଲ୍ଲାପାଳ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୂର ସଂଘ ସଭାପତି ଏସ. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ. ପ୍ରଭାକର ରେଡ୍ଡୀ ଓ ଆଇନ ପରାମର୍ଶଦାତା ଜ୍ୟୋତି ରଞ୍ଜନ ମିଶ୍ରଙ୍କ ସମେତ ସଂଘର ଶତାଧିକ ସଭ୍ୟ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଫେବୃଆରୀ ୩ ରେ ବିଭିନ୍ନ ଦାବି ନେଇ ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୂର ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେମାନେ ଧାରଣାରୁ ଉଠିଥିଲେ ଏବଂ ଜିଲ୍ଲା ପ୍ରଶାସନ ଓ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ଦାବି ପୂରଣ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ ବୋଲି ସଭାପତି ଶ୍ରୀ ରେଡ୍ଡୀ ସୂଚନା ଦେଇଛନ୍ତି।

## ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ

# ଭଡ଼ାରେ ଲାଗିଛି ବିଦ୍ୟାଳୟ କକ୍ଷ

କାଶୀନଗର,୧୬।୩(ସମିସ)



କାଶୀନଗର ସ୍ଥିତ ପିଏମ୍‌ଶ୍ରୀ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ଏକ କକ୍ଷ ଭଡ଼ାରେ ଲାଗିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ମୁଖ୍ୟଫାଟକ ପାଖରେ ରହିଥିବା କକ୍ଷ ଯାହାକି ରାତ୍ର ଜଗୁଆଳିଙ୍କ ପାଇଁ କରାଯାଇଥିବା ସେଠାରେ କିଛି ଲୋକେ ଭଡ଼ାରେ ରହୁଛନ୍ତି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଉକ୍ତ କକ୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇ ନାହିଁ, ତାହା କିଏ ଏପରି ଲୋକଙ୍କୁ ଭଡ଼ା ଦେଉଛନ୍ତି ତାହା ଜଣାନାହିଁ ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

ସେହିପରି ଉକ୍ତ ବିଦ୍ୟାଳୟରେ ପିଏମ୍‌ଶ୍ରୀ ପକ୍ଷରୁ ଆସିଥିବା ରାଶିରେ ବ୍ଲକ ପକ୍ଷରୁ ବିଦ୍ୟାଳୟରେ ଥିବା ବିଭିନ୍ନ କକ୍ଷ ମରାମତି କରାଯିବା ସହ ବିଦ୍ୟାଳୟ ଖେଳପଡ଼ିଆ ସଜାଡ଼ିବା ନେଇ ଅଧାପଡ଼ିଆ କାର୍ଯ୍ୟ ହୋଇ ପଡ଼ିରହିଛି। ବର୍ତ୍ତମାନ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସରରେ ଥିବା କ୍ରୀଡ଼ା କୋଠାକୁ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ କରାଯାଉଛି। ଉକ୍ତ କାମ ପାଇଁ ଆସିଥିବା ଓ ବ୍ଲକର ବିଭିନ୍ନ ଠିକା କାର୍ଯ୍ୟରେ କାମ କରୁଥିବା ଲୋକଙ୍କୁ ବିଦ୍ୟାଳୟ ଭିତରେ ଥିବା କକ୍ଷ ଭଡ଼ାରେ ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ କକ୍ଷ କିଏ ଭଡ଼ାରେ ଦେଇଛି ଓ ଭଡ଼ା ଟଙ୍କା କିଏ ନେଉଛି ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହି କୋଠାରେ ରହିଥିବା ଲୋକଙ୍କୁ ପଚାରିଲେ ଉକ୍ତ ନୂତନ କୋଠା କାମ କରୁଥିବା ଠିକାଦାର ସେମାନଙ୍କୁ ରହିବା ପାଇଁ ଅନୁମତି ଦେଇଥିବା କହିଛନ୍ତି।

ଉକ୍ତ ବିଦ୍ୟାଳୟର କାର୍ଯ୍ୟ ଶିକ୍ଷା ବିଭାଗ ପକ୍ଷରୁ ହେଉଥିବା ବେଳେ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ହେବା କଥା; କିନ୍ତୁ ଠିକାଦାର ନିଜେ କାମ କରିବା ସହ ଉକ୍ତ କକ୍ଷକୁ ଭଡ଼ାରେ ଦେବାକୁ କିଏ ଅନୁମତି ଦେଇଛି ବୋଲି ପ୍ରଶ୍ନ ଉଠିଛି। ବିଦ୍ୟାଳୟର ମରାମତି କାମ ହେଉକି ନୂତନ କୋଠା କାମ ନିମ୍ନମାନର ହେଉଥିବା ନେଇ ଅଞ୍ଚଳବାସୀ ପୂର୍ବରୁ ବ୍ଲକ୍ ଏଇଙ୍କୁ ସୂଚନା ଦିଆଯାଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ଉକ୍ତ ବିଦ୍ୟାଳୟର ସଭାପତି ଠିକାଦାରଙ୍କୁ ସହଯୋଗ କରିବା ସହ ନିଜସ୍ୱ ଇଚ୍ଛାରେ ଉକ୍ତ କାର୍ଯ୍ୟ କରୁଥିବା ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଥିବା ଚର୍ଚ୍ଚା ହେଉଛି। ସନ୍ଧ୍ୟା ହେଲେ ଭଡ଼ାରେ ଲାଗିଥିବା ଉକ୍ତ କକ୍ଷରେ ବିଭିନ୍ନ ଅସାମାଜିକ କର୍ଯ୍ୟକ୍ରମ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ମାଟ୍ରିକ ପରୀକ୍ଷା ଚାଲିଥିବା ସମୟରେ ବି ବିଦ୍ୟାଳୟ ପରିସରରେ ଭଡ଼ାରେ ରହିବା କେତେ ଠିକ୍ ବୋଲି ପ୍ରଶ୍ନ ଉଠିଛି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ବି କାହିଁକି ନୀରବ ତାହା ସନ୍ଦେହ ସୃଷ୍ଟି କରିଛି।

ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ହଷ୍ଟେଲ ରହିଥିବା ସତ୍ତ୍ୱେ କିପରି ବାହାର ଲୋକେ ବିଦ୍ୟାଳୟ ପରିସର ଭିତରେ ରହୁଛନ୍ତି। ବିଦ୍ୟାଳୟ ପରିସର ଭିତରେ ହିଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବି ରହିଥିବା ବେଳେ ଏହିସବୁ ଶିକ୍ଷା ବିଭାଗ ଅଧିକାରୀଙ୍କ ଦୃଷ୍ଟି ନପଡିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ନେଇ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବା ବେଳେ ସେ ଫୋନ୍ ଉଠାଇ ନଥିବା ଯୋଗୁ ତାଙ୍କ ମତାମତ ମିଳିପାରିନାହିଁ। ବ୍ଲକ ଶିକ୍ଷା ଅଧିକାରୀ ଜାଣି ଶୁଣି ସାମ୍ବାଦିକ ଫୋନ୍ ଉଠାଇନଥିବା ବା କାର୍ଯ୍ୟାଳୟରେ ଦେଖା ଦେଉନାହାନ୍ତି। ଜିଲ୍ଲା ପ୍ରଶାସନ ଉକ୍ତ ଘଟଣା ପ୍ରତି ଉଚିତ୍ ପଦକ୍ଷେପ ଗ୍ରହଣ କରିବା ସହ ନିମ୍ନ ମାନରେ କାମ ହେଉଥିବା କୋଠାକୁ ଠିକ୍ ଭାବେ ସଜାଡ଼ିବାକୁ ଦାବି ହୋଇଛି।

## ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି, ୧୬।୩ (ସମିସ): ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଆନ୍ଧ୍ର ସୀମାନ୍ତର ରେଳପଥରେ କାଶୀନଗର ବ୍ଲକ ସିଙ୍ଗିପୁର ଗ୍ରାମର ଜଣେ ଯୁବକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଯୁବକଙ୍କ ନାମ ବିଭୀଷଣ ମିଶାଲ (୩୦)। ସେ ବିବାହିତ ଓ ତାଙ୍କର ସ୍ତ୍ରୀ, ସନ୍ତାନ ଅଛି। ସେ ଆର୍ଥିକ ଅନଟନ ଯୋଗୁ ଗତ କିଛିମାସ ହେବ ବିଶାଖାପାଟଣାରେ କାମ କରି ଆସୁଥିଲେ। ଆଜି ସକାଳ ୭ଟା ବେଳେ ସେ ପୁରୁଣାପାଟଣା ରେଲଷ୍ଟେସନ ନିକଟସ୍ଥ ପହରାଜପାଲେମ ନିକଟରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏନେଇ ରେଳବାଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆନ୍ଧ୍ରର ପଲାସାକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

## ବନଖଣ୍ଡ ଅଧିକାରୀଙ୍କ ମୋହନା ରେଞ୍ଜ ପରିଦର୍ଶନ



ପାରଳାଖେମୁଣ୍ଡି,୧୬।୩(ସମିସ): ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାରୁ ମୋହନା ରେଞ୍ଜର ବିଭିନ୍ନ ସେକ୍ସନର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ମୁଖ୍ୟ କରି ଅଗ୍ନି ରୋକିବା ପ୍ରସ୍ତୁତି ଏବଂ ନର୍ସରୀ ପ୍ରଗତି ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ। କ୍ଷେତ୍ର କର୍ମଚାରୀଙ୍କ ସହିତ ରେଞ୍ଜସ୍ତରୀୟ ସମୀକ୍ଷା ବୈଠକ ପରେ, ପାଣିଗଣ୍ଡା ସେକ୍ସନ ଅଧୀନରେ ଖଜୁରିପଡ଼ା ଅସ୍ଥାୟୀ ନର୍ସରୀ ପରିଦର୍ଶନ କରିଥିଲେ ଏବଂ ନର୍ସରୀ କାର୍ଯ୍ୟର ପ୍ରଗତି ସମୀକ୍ଷା କରିଥିଲେ। ଏହାପରେ ସେ ପାଣିଗଣ୍ଡା ସେକ୍ସନରେ ଅଗ୍ନି ସଂଯୋଗ କାର୍ଯ୍ୟର ସ୍ଥିତି ଏବଂ ପ୍ରଭାବଶାଳୀତା ମୂଲ୍ୟାଙ୍କନ କରିବା ପାଇଁ ଯାଞ୍ଚ କରିଥିଲେ। କ୍ଷେତ୍ର କର୍ମଚାରୀଙ୍କ ସହିତ ଗତବର୍ଷ ଏବଂ ଚଳିତ ବର୍ଷର ଅଗ୍ନିସଂଯୋଗ କାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ ପାଣିଗଣ୍ଡାରେ ଅଗ୍ନି ସଂଯୋଗକୁ ଚିହ୍ନଟ କରିଥିଲେ ଏବଂ କ୍ଷେତ୍ର କର୍ମଚାରୀ ଏବଂ ଅଗ୍ନିଶମ ସ୍କ୍ୱାଡ୍ ସହିତ ଆଲୋଚନା କରିଥିଲେ। ଏହି ଅଗ୍ନି ଋତୁରେ ପ୍ରଭାବଶାଳୀ ଜଙ୍ଗଲ ଅଗ୍ନି ନିବାରଣ ଏବଂ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସୁରକ୍ଷା, ସମୟୋଚିତ ପଦକ୍ଷେପ, ସାମୁଦାୟିକ ସମ୍ପୃକ୍ତି ଏବଂ ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବନଖଣ୍ଡ ଅଧିକାରୀଙ୍କ ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଫିରିଙ୍ଗିଆରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ



ଫିରିଙ୍ଗିଆ,୧୬।୩(ସମିସ): ଫିରିଙ୍ଗିଆ ବ୍ଲକରେ ଶିକ୍ଷା ବିଭାଗ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକରେ ୨୨ କ୍ଲଷ୍ଟରରୁ ୫୨ ପରୀକ୍ଷା କେନ୍ଦ୍ରରେ ସାକ୍ଷରତା କାର୍ଯ୍ୟକ୍ରମ ହୋଇଥିଲା। ଫିରିଙ୍ଗିଆ ବ୍ଲକର ୬୮୧ ଜଣ ପୁରୁଷ ଓ ୬୬୩ ଜଣ ମହିଳା ପରୀକ୍ଷା ଦେଇଥିଲେ। ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା ତଦାରଖ କରିଥିଲେ ଏବଂ ପ୍ରତ୍ୟେକ କ୍ଲଷ୍ଟରର ସିଆରସି ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଳିଙ୍ଗା ବିଏଡ୍ କଲେଜରେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ




ଜି.ଉଦୟଗିରି,୧୬।୩(ସମିସ): କଳିଙ୍ଗା ସ୍ଥିତ ବିଏଡ୍ ଟ୍ରେନିଂ କଲେଜରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ସମ୍ମାନିତ ଅତିଥି ଭାବରେ ଅଭିଜ୍ଞ ଶିକ୍ଷକ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବଳରାମ ସାହୁ ଓ କଳିଙ୍ଗା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଭୋଇ ବିଚାରକ ଭାବେ ଯୋଗ ଦଇଥିଲେ। ସେମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ମୂଲ୍ୟାୟନ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ବିଏଡ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶିକ୍ଷାଦାନକୁ କିଭଳି ଅଧିକ ପ୍ରଭାବଶାଳୀ, ସହଜ ଓ ଆମୋଦ ଦାୟକ କରାଯାଇପାରିବ ତାହା ଏହି ସାମଗ୍ରୀ ମାଧ୍ୟମରେ ଦର୍ଶାଯାଇଥିଲା। ପ୍ରଦର୍ଶନୀକୁ କଳିଙ୍ଗା ସ୍ଥିତ ସିଟି ଟ୍ରେନିଂ ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ ପରିଦର୍ଶନ କରିଥିଲେ। ଅଧ୍ୟକ୍ଷ ଡ.ଦୀପକ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସହକାରୀ ପ୍ରଫେସର ବିକ୍ରମ କୁମାର ପ୍ରଧାନ, ବିଚିତ୍ର କୁମାର ବେହେରା, ସୌମ୍ୟରଞ୍ଜନ ନାୟକ, ମୋନାଲିସା ନାୟକ, ଭେଙ୍କଟେଶ ରେଡ୍ଡୀ ଡୁଙ୍ଗୁ, ସୁବ୍ରତ କୁମାର ପାଢ଼ୀ, ସତିଶ୍ରୁତା ମହାପାତ୍ର, ଶ୍ରଦ୍ଧାଞ୍ଜଳି ଦାସ, ପ୍ରମୋଦ କୁମାର ନାୟକ, କିଶୋର ଚନ୍ଦ୍ର ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ଅର୍ପିତା ସାହୁ ଓ କଲେଜର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ● ୩ ସ୍ଥାନରେ ଅବକାରୀ ଚଢ଼ଉ

## ୧ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ, ୨ କାର୍ ଜବତ; ୩ ଗିରଫ

ଫିରିଙ୍ଗିଆ,୧୬।୩(ସମିସ): ଫୁଲବାଣୀ ଅବକାରୀ ବିଭାଗ ଓ ଅବକାରୀ ମୋବାଇଲ୍ ଟିମ ୩ ସ୍ଥାନରେ ଚଢ଼ଉ କରି ୧ କୁଇଣ୍ଟାଲ ୪୧ କେଜି ଗଞ୍ଜେଇ ସହ ଦୁଇ କାର ଜବତ କରିଛି। ଏସମ୍ପର୍କରେ ଜଣେ ନାବାଳକକୁ ଅଟକ ରଖାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ୩ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଗୋଚ୍ଛାପଡା ଥାନା ଅଞ୍ଚଳ ବାଲନ୍ଦାପଡା ପଞ୍ଚାୟତ କଞ୍ଜାମାଇଁ ଗାଁ ନିକଟରେ ଥିବା ଜଙ୍ଗଲରେ ଏକ ଗଛ ମୂଳେ ୪ ବସ୍ତାରେ ଗଞ୍ଜେଇ ରଖି ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା କୌଣସି ସୂତ୍ରରୁ ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରି ୧କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ସେହିଭଳି ଫୁଲବାଣୀ ଡାକ୍ତରଖାନା ଛକରେ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ କାର ଜବତ କରିବା ସହ ଡ୍ରାଇଭର ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଲଖଣପୁର ଗାଁର ରାଜେଶ ବେହେରାଙ୍କ ସହ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳର ଜଣେ ନାବାଳକକୁ ଅଟକ ରଖାଯାଇଛି। ଫୁଲବାଣୀ ଡାକ୍ତରଖାନା ଛକ ନିକଟରେ ଅନ୍ୟ ଏକ କାରକୁ ଅଟକାଇ ଯାଞ୍ଚ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। କାର ସହ ୨୦ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଏସମ୍ପର୍କରେ ଫିରିଙ୍ଗିଆ ଥାନା ସାଡିଙ୍ଗିଆ ପଞ୍ଚାୟତ କଟାପଙ୍ଗା ଗାଁର ଲବ ଦିଗାଲ ଏବଂ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଭାବପୁର ଗାଁର ମନୋଜ କୁମାର ତାମୁଖିଆକୁ ଗିରଫ କରାଯାଇଥିଲା।



### ■ ରନ୍ଧନ ଗ୍ୟାସ ଅଭାବରୁ ବଦଳିଲା ବ୍ୟବସାୟ

## ଫଳ ବିକ୍ରି କଲେ ଜଳଖିଆ ଦୋକାନୀ



ଜି.ଉଦୟଗିରି,୧୬।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ପଡ଼ିଛି କନ୍ଧମାଳ ଜିଲ୍ଲାରେ। ରନ୍ଧନ ଗ୍ୟାସ ସଂକଟ ପାଇଁ ଛୋଟ ବ୍ୟବସାୟୀଙ୍କ ବ୍ୟବସାୟ ପ୍ରଭାବିତ ହେଉଛି। ଏମିତି କିଛି ଦୃଶ୍ୟ ଜି.ଉଦୟଗିରି ବଜାରରେ ଦେଖିବାକୁ ମିଳିଛି। ଜଣେ ଜଳଖିଆ ଦୋକାନୀ ଏବେ ଫଳ ବେପାର ଆରମ୍ଭ କରିଛନ୍ତି। ଭଞ୍ଜମାର୍କେଟ ସମ୍ମୁଖରେ ସାରଥି ସାହୁ ନାମକ ଯୁବକ ଦୀର୍ଘବର୍ଷ ହେଲା ଜଳଖିଆ ଦୋକାନ ଖୋଲି ଇଡିଲି, ଚକୁଳି, ବରା ଆଦି ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଏବେ ଏହି ଛୋଟ ବ୍ୟବସାୟୀ ସାରଥୀ ଗ୍ୟାସ ଅଭାବରୁ ନିଜ ବ୍ୟବସାୟ ବଦଳାଇ ଥିବା କହିଛନ୍ତି। ସହଜରେ ଗ୍ୟାସ ନମିଳିବା ପର୍ଯ୍ୟନ୍ତ ଏହି ବ୍ୟବସାୟ ଚାଲିବ ବୋଲି କହିଛନ୍ତି। କଦଳୀ, ଅଙ୍ଗୁର, ସପୁରି, ପିଜୁଳି, ସେଓ, ଭଣ୍ଡା, ତରଭୁଜ, କଦଳୀ, ଗଜାମୁଗ ଆଦି ପାଚିଲା ଫଳରେ ଫ୍ରୁଟ୍ସ ସାଲାଡ୍ କରି ସ୍ୱାସ୍ଥ୍ୟକର ଜଳଖିଆ ବିକ୍ରି କରୁଥିଲେ ମଧ୍ୟ ଏହା ଆଶାନୁରୂପକ ବ୍ୟବସାୟ ହେଉନଥିବା କହିଛନ୍ତି। ତେଣୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇଛି। ଏହି ଅବସ୍ଥା ଲାଗି ରହିଲେ ଏମିତି ବହୁ ଛୋଟ ଜଳଖିଆ ଦୋକାନରେ ବ୍ୟବସାୟ ବଦଳେଇବାକୁ ବାଧ୍ୟ ହେବେ ବୋଲି କୁହାଯାଇଛି।

## ଉଜୁଡ଼ି ମା'ଙ୍କ ପାଖରେ ଆଗ ଭାତତୋରାଣି ପାଣିରେ ହୁଏ ପୂଜା



**ଭିନ୍ନ ଏକ ପରମ୍ପରା**

ପାରଳାଖେମୁଣ୍ଡି,୧୬।୩(ସମିସ): ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ଯାଜପୁର ଗ୍ରାମରେ ଦେଖିବାକୁ ମିଳିଛି ଏକ ଭିନ୍ନ ପରମ୍ପରା। ଗ୍ରାମ ଦେବତୀ ମା' ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା ପ୍ରତି ପାଞ୍ଚ ବର୍ଷକୁ ଥରେ ହୁଏ। ଏହି ଯାତ୍ରା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗ୍ରାମର ମୁଖ୍ୟରାସ୍ତା ତଟରେ ଆଲୋକ ସଜ୍ଜା ପାଇଁ ଏବେଠାରୁ ପ୍ରସ୍ତୁତି ଚାଲିଛି। ଯାତ୍ରାରେ ଯୋଗଦେଇ ମା'ଙ୍କ ପୂଜାର୍ଚ୍ଚନାରେ ସାମିଲ ହେବାକୁ ଗ୍ରାମକୁ କୁଣିଆଙ୍କ ସୁଅ ଛୁଟୁଛି। ଯାତ୍ରାର ଏକ ସପ୍ତାହ ପୂର୍ବରୁ ଉଜୁଡ଼ି ମା'ଙ୍କ ପୂଜା ଅର୍ଚ୍ଚନା କରାଯାଏ। ଗ୍ରାମରେ ଆସନ୍ତା ୨୩ରୁ ଏପ୍ରିଲ ପହିଲା ପର୍ଯ୍ୟନ୍ତ ମା' ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା ହେବ। ଏହି ଅବସରରେ ପ୍ରଥମେ ଉଜୁଡ଼ି ମାଙ୍କ ଉତ୍ସବ ପାଳନ କରାଯାଉଛି। ଗାଁ ଲୋକଙ୍କ କହିବା ଅନୁସାରେ ଉଜୁଡ଼ି ମା' ପୂଜା ପାଇଁ ଗ୍ରାମର ପ୍ରତ୍ୟେକ ଘରୁ ରୋଷେଇ ହେବା ପ୍ରଥମ ଭାତ, ରାତ୍ରୀର ତୋରାଣି ପାଣି ଓ ହଳଦୀ ପାଣି ଆଣି ଗାଁର ଶେଷ ମୁଣ୍ଡରେ ଥିବା ତିନି ଛକରେ ମା'ଙ୍କ ମନ୍ଦିରରେ ଧୂପ ଦିପ ଦେଇ ପୂଜା କରାଯାଏ। ଏହି ସମୟରେ ଗାଁର ସମସ୍ତ ଜନସାଧାରଣ ସହ ସମସ୍ତ ଗୃହପାଳିତ ପଶୁ, ଗାଈ, ବଳଦ, ଛେଳି ଗୋଟିଏ ସ୍ଥାନରେ ଏକତ୍ର କରି ସେଠାରେ ପୂଜା କରି ସନ୍ଧି ବାନ୍ଧନ୍ତି। ଏହି ପରମ୍ପରା ବହୁ ବହୁ ପୁରାତନ। ପରମ୍ପରା ପିଢ଼ି ପରେ ପିଢ଼ି ପାଳନ କରି ଆସୁଥିବା ଗ୍ରାମବାସୀ କହିଛନ୍ତି। ଗାଁ ଲୋକଙ୍କ କହିବା ଅନୁସାରେ ଏଭଳି ପୂଜା ଅର୍ଚ୍ଚନା ଫଳରେ ମା ଶାନ୍ତି ହୁଅନ୍ତି ଓ ଗାଁ କୁ ଗୋଟିଏ ଡୋରିରେ ବାନ୍ଧି ରଖନ୍ତି। ଫଳରେ ଗାଁ ଭିତରକୁ ଠାକୁରାଣୀ ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅନ୍ୟ କେହି ଦୃଷ୍ଟ ଶକ୍ତି ପ୍ରବେଶ କରିପାରିବ ନାହିଁ। ଶାନ୍ତି ଶୃଙ୍ଖଳା ସହ ମାଙ୍କ ଯାତ୍ରା ଅନୁଷ୍ଠିତ। ମା ନିଜ ଘରୁ ଗାଁ ର ଅସ୍ଥାୟୀ ମଣ୍ଡପକୁ ଆସି ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଗାଁ ପରିକ୍ରମା କରି ଲୋକଙ୍କ ଦୁଃଖ ଦୂର କରିବା ସହ ଗାଁକୁ ସୁଖ ଶାନ୍ତି ପ୍ରଦାନ କରୁଥିବାର ଲୋକବିଶ୍ୱାସ ରହିଛି।

### ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପ୍ରଦର୍ଶନୀ ମ୍ୟାଚ୍

## କଟକ ମହିଳା ଦଳକୁ ହରାଇ ସମ୍ବଲପୁର ବିଜୟୀ



ଫିରିଙ୍ଗିଆ,୧୬।୩(ସମିସ): ଫିରିଙ୍ଗିଆ ବ୍ଲକ ମିନି ଷ୍ଟାଡିଅମରେ ଚାଲିଥିବା ପ୍ରଥମ ବାର୍ଷିକ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ପୂର୍ବରୁ ଏକ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କଟକ ମହିଳା ଦଳ ସହ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ମୁଖ୍ୟଅତିଥି ଭାବରେ ଫିରିଙ୍ଗିଆ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଫିରିଙ୍ଗିଆ ସମିତିସଭ୍ୟା ମୌସୁମୀ ପ୍ରଧାନ, ପଳାବୃଡି ସରପଞ୍ଚ ଲୀଳାବତୀ କହଁର, କାଶିନୀପଦର ସମିତିସଭ୍ୟା ଇନ୍ଦିରା କହଁର, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ନୂଆପଦର ନିର୍ମଳା ପ୍ରଧାନ, ବିଜେପି ଫିରିଙ୍ଗିଆ ମଣ୍ଡଳ ସମ୍ପାଦିକା ସମ୍ପତି ଦିଗାଲ ଯୋଗ ଦେଇଥିଲେ। ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ଶେଷରେ ପେନାଲ୍‌ଟିରେ କଟକ ମହିଳା ଦଳକୁ ୪-୩ରେ ହରାଇ ସମ୍ବଲପୁର ମହିଳା ଦଳ ବିଜୟୀ ହୋଇଥିଲା। ବରିଷ୍ଠ ଫୁଟବଲ ଖେଳାଳି ତଥା କ୍ରୀଡ଼ା ପରିଚାଳକ ଜଗନ ବିଶୋଇଙ୍କ ସହ ପ୍ରଫୁଲ୍ଲ କହଁର ଏବଂ ସାଥୀ କ୍ରୀଡ଼ା ପରିଚାଳନା କରିଥିଲେ। ଜିଲ୍ଲାର ଫିରିଙ୍ଗିଆ ବ୍ଲକରେ ପ୍ରଥମ ଥର ପାଇଁ ଏଭଳି ରାଜ୍ୟସ୍ତରୀୟ ମହିଳା ଫୁଟବଲ ମ୍ୟାଚ ହୋଇଥିବାରୁ ବ୍ଲକ ତଥା ଜିଲ୍ଲାର ବିଭିନ୍ନ ଆଞ୍ଚଳରୁ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଦର୍ଶକ ଯୋଗ ଦେଇ ଖେଳକୁ ଉପଭୋଗ କରିଥିଲେ। ଆସନ୍ତାକାଲି ପ୍ରଥମ ବାର୍ଷିକ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସୁରଜ ଏଫ୍‌ସି ବନାମ ଫିରିଙ୍ଗିଆ ଇଲେଭେନ ମଧ୍ୟରେ ହେବ।

### ● ଚକାପାଦ ବ୍ଲକରେ ସଂଯୁକ୍ତ ଜନଶୁଣାଣି

## ୮୨ ଅଭିଯୋଗ ଗ୍ରହଣ ଓ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ଚକାପାଦ,୧୬।୩(ସମିସ)



ଚକାପାଦ ବ୍ଲକ କାର୍ଯ୍ୟାଳୟରେ ସୋମବାର ସଂଯୁକ୍ତ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାଶ, ଜିଲ୍ଲା ଉନ୍ନୟନ କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଆଇଟିଡିଏ ବାଲିଗୁଡ଼ାର ପିଏ କୃପାସିନ୍ଧୁ ବେହେରା ସହିତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜନଶୁଣାଣିରେ ମୋଟ ୮୨ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଅନେକ ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଅଭିଯୋଗ ସମ୍ପର୍କିତ ବିଭାଗକୁ ଶୀଘ୍ର ସମାଧାନ ପାଇଁ ପଠାଯାଇଥିଲା। ଏହାପରେ ଜିଲ୍ଲାପାଳ ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ନୂତନ ପଞ୍ଚାୟତ ଭବନ ଓ ଶ୍ରୀ ଶ୍ରୀ ବରଡା ବାଲୁଙ୍କେଶ୍ୱର ପ୍ରିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସ, ଖେଳ ପଡିଆ ଦେଖିବା ସହିତ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅଧିକ ଥିବାବେଳେ ଦୂରଦୂରାନ୍ତରୁ ପଢ଼ିବା ପାଇଁ ଆସୁଥିବାରୁ ଛାତ୍ରାବାସ ସ୍ଥାପନ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ତା ସହିତ ବପଲମେଣ୍ଡି ପଞ୍ଚାୟତ ଅନ୍ତର୍ଗତ ସଲାଗୁଡା ଅନୁସୂଚିତଜାତି ଓ ଅନୁସୂଚିତ ଜନଜାତି ବିଦ୍ୟାଳୟ ଜାଗାକୁ ନେଇ ଦେଖା ଦେଇଥିବା ସମସ୍ୟା ସମ୍ପର୍କରେ ବୁଲି ଦେଖିଥିଲେ ଜିଲ୍ଲାପାଳ। ଏହାର ସମାଧାନ ପାଇଁ ବିଭାଗୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଅଞ୍ଚଳର ଜନପ୍ରତିନିଧି ଓ ସମ୍ବନ୍ଧିତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଗୋଷାଣିରେ ୧୦୩ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ପାରଳାଖେମୁଣ୍ଡି,୧୬।୩ (ସମିସ)



ଗୋଷାଣି ବ୍ଲକ ସଦରମହକୁମା ସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁଣାଣି ଶିବିରରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ୧୦୩ ଅଭିଯୋଗର ଶୁଣାଣି କରିଥିଲେ। ସେଥିରେ ବ୍ୟକ୍ତିଗତ ୫୯ଟି ରହିଥିବା ବେଳେ ସାମୂହିକ ସମସ୍ୟା ୪୪ଟି ଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍.ବୀରରାଜୁ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଓ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ମଞ୍ଚାସୀନ ଥିଲେ।

ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା ଓ ୫ଜଣଙ୍କୁ ନୂତନ ପେନସନ ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ୩୦ ଜଣଙ୍କୁ ଜମି ଉତ୍ତରାଧିକାରୀ ଜମିପଟ୍ଟା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ରହିଥିବା ବେଳେ ଗୁରାଣ୍ଡି-ଲିଙ୍ଗିପୁର ରାସ୍ତାକାମ ନିମ୍ନ ମାନର ଅଭିଯୋଗ କରାଯାଇଥିବା ଯୋଗୁ ଏନେଇ ସମ୍ପୃକ୍ତ ଠିକାଦାର ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଙ୍କୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। ଶିବିରକୁ ଗୋଷାଣି ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ରଙ୍କ ସମେତ ସମସ୍ତ ପିଇଓ, ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି





ଆସିକା,୧୬ ।୩(ସମିସ): ଆସିକା ବ୍ଲକ ସଭା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ବିଡ଼ିଓ ରାଜେନ୍ଦ୍ର ନାୟକ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ଜଗଦୀଶ ମହାପାତ୍ର, ତହସିଲଦାର ସଂଗୀତା ସେନ, ବ୍ଲକ ଉପାଧକ୍ଷା ରେଶମା ଦୋରା, ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ମେଡିକାଲ ଅଧିକ୍ଷକ ଡାକ୍ତର ବାଲ ଗୋପାଲ ବେହେରା, ଡିଆରଏସ ଯୋଗ ମାୟା ସାବତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କ୍ରିଷ୍ଣା ଚନ୍ଦ୍ର ବେହେରା, ଜଳ ସମ୍ପଦ ଅଧିକାରୀ ଇ. ଦେବେନ୍ଦ୍ର କୁମାର ପ୍ରଧାନ, ବିଇଓ ମୁନ ରାଣୀ ମହାନ୍ତି, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ଏଟିଓ ଅମରେନ୍ଦ୍ର ସାବତ,ଏବିଡ଼ିଓ ସୁଶାନ୍ତ କୁମାର ବେହେରା ସମେତ ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ମୋଟ ୧୫୫ ଗୋଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଭାବେ ୧୩୩ ଜଣ, ଦଳଗତ ୨୨ ଅଭିଯୋଗ ଶୁଣାଣି ହୋଇଥିଲା । ୫ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ୦୨ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଅନ୍ୟପଟେ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ବହୁ ନିର୍ବାଚିତ ପ୍ରତିନିଧିମାନଙ୍କ ଦେଖା ନଥିଲା ।

**ପୋଲସରା:** ପୋଲସରା ବ୍ଲକ ରୁମାଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୫ଗୋଟି ଅଭିଯୋଗକୁ ନେଇ ହିତାଧିକାରୀ ମାନେ ନିଜର ନାମ ପଞ୍ଜିକରଣ କରିଥିଲେ। ରୁମାଗଡ଼ ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ଅଭିଯୋଗ ଶୁଣାଣି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୨୨ ଜଣଙ୍କୁ ଘରବାରି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୬ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଡ଼ିଓ ଶଶିଭୂଷଣ ମହାପାତ୍ର, ଅତିରିକ୍ତ ବିଡ଼ିଓ ସୋନମ ବେହେରା, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ସିଡିପିଓ ତିଲୋତ୍ତମା ରାଉତ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ପ୍ରଭାକର ପଣ୍ଡା, ସରପଞ୍ଚ ଜିତୁ ବିଷୋୟୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଦଳେଇ ପ୍ରମୁଖଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଛୁରି ଦେଖାଇ ଲୁଟ୍; ଜଣେ ଗିରଫ

ବ୍ରହ୍ମପୁର,୧୬।୩(ସମିସ): ଜଣେ ମହିଳାଙ୍କ ଘରେ ପଶି ଛୁରି ଦେଖାଇ ସୁନା ଅଳଙ୍କାର ଲୁଟ ମାମଲାରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ସଦର ଥାନା ଅନ୍ତର୍ଗତ ଲୋଚାପଡ଼ାର ଜୟଦେବ ସାହୁ(୩୫) । ସୂଚନାପ୍ରକାରେ, ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ଜଣେ ୨୫ ବର୍ଷୀୟ ମହିଳା ଗତ ୨୫ ତାରିଖରେ ଏକୁଟିଆ ଘରେ ଥିବା ବେଳେ ଅଭିଯୁକ୍ତ ଜୟଦେବ ତାଙ୍କ ଘରେ ପଶି ଏକ ଛୁରି ଦେଖାଇ କାନଫୁଲ ଲୁଟି ନେଇଥିଲେ । ପୂର୍ବରୁ ଥିବା ଏକ ମାମଲା ଉଠାଇବାକୁ ଧମକ ଦେଇଥିଲେ । ଏପରିକି ଛୁରା ମାଡ଼ରେ ମହିଳାଙ୍କ ବେକରେ ଆଘାତ ଲାଗିଥିଲା । ମହିଳା ଜଣଙ୍କ ପାଟି କରିବାକୁ ଅଭିଯୁକ୍ତ ଚମ୍ପଟ ମାରିଥିଲା । ମହିଳା ଜଣଙ୍କ ଆହତ ହୋଇଥିବାରୁ ସିଟି ହସପିଟାଲ ଯାଇ ଚିକିତ୍ସିତ ହେବା ସହ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ ।

## ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ



ରମ୍ଭା,୧୬ ।୩(ସମିସ): ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ନୋଡ଼ାଲ ଅଧିକାରୀ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀଙ୍କ ସଂଯୋଜନା କ୍ରମେ ବିଦ୍ୟାଳୟସ୍ତରୀୟ ଦ୍ୱିତୀୟ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ପରୀକ୍ଷା ଆୟୋଜିତ ହୋଇଯାଇଛି । ଲଙ୍ଗଳେଶ୍ୱର, କେଶପୁର, ଦାନପୁର, ଚିକିଲି, ପଥରା, ତାଳପଡା, କୈରାଶି, ଉସ୍ତାପଡା, ଟି. ବାଗଲପୁର, କହ୍ନେଇପୁର, ଆଭାସ, ବଧିନୂଆପଲ୍ଲୀ, ସାବୁଲିଆ, କଞ୍ଚଣା, ମଥୁରା, କନକା କ୍ଲଷ୍ଟର ଅଧୀନସ୍ଥ ୧୫୭ଟି ପରୀକ୍ଷାକେନ୍ଦ୍ରରେ ୫୪୫ ଜଣ ପୁରୁଷ ୯୬୫ ଜଣ ମହିଳା ସର୍ବମୋଟ ୧୫୧୦ ଜଣ ପରୀକ୍ଷା ଦେଇଛନ୍ତି । ଆୟୋଜିତ ପରୀକ୍ଷା ସମ୍ପାଦନରେ ସମସ୍ତ ସିଆରସିସି, ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ଧରାକୋଟ:** ଧରାକୋଟ ବ୍ଲକର ୧୪ଟି କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟରେ ୭୧୦ ଜଣ ପୁରୁଷ ଓ ୯୬୬ ଜଣ ମହିଳାଙ୍କୁ ନେଇ ନବ ଭାରତ ସାକ୍ଷରତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ବିଆରସିସି ସୌରୀଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପରୀକ୍ଷାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଏବିଇଓ ବିଭୂତି ଭୂଷଣ ପାତ୍ର ଏବଂ ସମସ୍ତ ସିଆରସିସି ମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ଏଥିରେ ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀଙ୍କୁ (ଏନଆଇଓଏସ) ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିରେ ସମସ୍ତ ସିଆରସିସି, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଦାମୋଦରପୁର ୟୁପି ସ୍କୁଲର ବାର୍ଷିକ ଉତ୍ସବ



ଗଞ୍ଜାମ,୧୬ ।୩(ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚଢ଼େୟା ନୃତ୍ୟ, ଯୋଡି ବାଘ ନୃତ୍ୟ, ଜିମନାଷ୍ଟିକ, ଜଗନ୍ନାଥ ଭଜନରେ ନୃତ୍ୟ ଏପରିକି ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ବିଦ୍ୟାର୍ଥୀ ମାନଙ୍କ ଉଜ୍ଜଳ ଭବିଷତ କାମନା କରିଥିଲେ। ଅତିରକ୍ତ ଶିକ୍ଷାଧିକାରୀ ବିନିତା କୁମାରୀ ମିଶ୍ର, ସିଆରସିସି ଲକ୍ଷଣ କୁମାର ସେଠୀ, ଓଡିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅବିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ମା' ବିମଳା ମହାମାୟୀଙ୍କ ରତ୍ନମୁଦ ଉତ୍ସବ

ଫିରିଙ୍ଗିଆ,୧୬।୩(ସମିସ): ଫିରିଙ୍ଗିଆ ବ୍ଲକ କେଲାପଡା ଗାଁରେ ନୂତନ ଭାବରେ ନିର୍ମିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା' ବିମଳା ମହାମାୟୀଙ୍କ ନୂତନ ମନ୍ଦିରର ରତ୍ନ ମୁଦ ଉତ୍ସବ ଅନୁଷ୍ଠିତ ହୋଇଛି । ପୂର୍ବତନ ବିଧାୟକ ତଥା ମନ୍ଦିର ପରିଚାଳନା କମିଟି ପରିଚାଳକ ଦୁଗୁନି କହଁର ଏବଂ ପରିଚାଳନା କମିଟିର ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ସୀମାଞ୍ଚଳ ବିଶୋଇ, ସମ୍ପାଦକ କୁଳମଣି ନାୟକ, ଆନନ୍ଦେଶ୍ୱର ନନ୍ଦ, ଅକ୍ଷୟ କୁମାର ନାୟକଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତି ସାମିଲ ହୋଇଥିଲେ । ପୂର୍ବରୁ ଯଥାବିଧି ନୂଆପଡା ଠାରୁ ସାହାଡ଼ା ବୃକ୍ଷ ମହା ଆଡମ୍ବରରେ ତାଳ କୀର୍ତ୍ତନ ସହ ନେବା ପରେ ମନ୍ଦିରର ରତ୍ନମୁଦ ସମ୍ପନ୍ନ ହୋଇଥିଲା ।

## ଅଦିନିଆ ବର୍ଷା ପ୍ରଭାବ
## ରାସ୍ତାରେ ଭାସିଲା ନର୍ଦ୍ଦମା ପାଣି



ଧରାକୋଟ,୧୬ ।୩(ସମିସ): ଧରାକୋଟ ଅଞ୍ଚଳରେ ରବିବାର ରାତ୍ରରେ ଘଡ଼ଘଡି ସହ ବର୍ଷା ହେବା ଫଳରେ ବଡ଼ଦାଣ୍ଡ ସାହିର ନର୍ଦ୍ଦମା ପାଣି ରାସ୍ତାରେ ଭାସିଥିଲା । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯୋଗ୍ୟ, ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧୀନରେ ରହିଛି ଧରାକୋଟ ବଡ଼ଦାଣ୍ଡ ସାହି ରାସ୍ତା। ସୋରଡା ପୂର୍ତ୍ତ ବିଭାଗ ଉପଖଣ୍ଡ ଏବଂ ବଡ଼ଗଡ଼ ସେକ୍ସନ ପକ୍ଷରୁ ଏହାର ନିର୍ମାଣ ଓ ମରାମତି ଦାୟିତ୍ୱ ନିଆଯାଇଛି। ଏହି ୮୫୦ ମିଟର ରାସ୍ତା ନିର୍ମାଣ ବେଳେ ଉଭୟ ପାଶ୍ୱର୍ରେ ଡ୍ରେନ ନିର୍ମାଣ କରାଯାଇଥିଲା। କିନ୍ତୁ ବଡ଼ଦାଣ୍ଡ ସାହିରୁ ତହସିଲ ଓ କୃଷି କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ଆରମ୍ଭରେ ଡ୍ରେନ୍ ଉପରେ କଲଭର୍ଟ ନିର୍ମାଣ ନକରି ବିଭାଗ ତରଫରୁ ବେପରୁଆ ଭାବରେ ଛାଡି ଦିଆଯାଇଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ସହ ଭିତରେ ଥିବା ମଇଳା ରାସ୍ତା ସାରା ଭାସୁଛି । ଏଣୁ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ସାହି ବାସିନ୍ଦା ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଅନ୍ୟ ପକ୍ଷରେ ରାସ୍ତାର ଉଭୟ କଡ଼ରେ ପେଭର ବ୍ଲକ ବିଛା ଯାଇଥିବା ବେଳେ କିଛି ସ୍ଥାନରେ ତାହା ଦବିଯାଇ ଖାଲ ହେଲାଣି। ଏଣୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲେ ତହସିଲ କାର୍ଯ୍ୟାଳୟ ରାସ୍ତା ବଡ଼ଦାଣ୍ଡ ସାହିର ଏକ ବାଇପାସ ରାସ୍ତା। ଏଣୁ ପୂର୍ତ୍ତ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କଲଭର୍ଟ ନିର୍ମାଣ ସହ ପେଭର ବ୍ଲକ ବିଛାଇଥିବା ପାଇଁ ଦାବି ହେଉଛି ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



କୁକୁଡ଼ାଖଣ୍ଡି,୧୬ ।୩(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ବିଏମସି କମିଶନର ଏ.ସସ୍ୟା ରେଡି, ବିଡିଓ ଡାକ୍ତର ପଲ୍ଲବୀ ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ଏଇଇ ଅନୁରାଗେ ରଥ, ସ୍ଥାନୀୟ ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ଅତିରିକ୍ତ ତହସିଲଦାର ଶୁଭସ୍ମିତା ଦାସ, ଏବିଡିଓ ସୁପ୍ରଭା ସାହୁ, ସମିତି ସଭ୍ୟ ବି ରବିନ୍ଦ୍ରନାଥ ପାତ୍ର, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ବ୍ଲକ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ସିଡ଼ିପିଓ କୁସୁମ କୁମାରୀ ସାହୁ, ବିପିଏମ ସଞ୍ଜୁ ସାହୁ, ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ମନସ୍ୱିନୀ ମହାପାତ୍ର, ଇରିଗେସନ ସହକାରୀ ଯନ୍ତ୍ରୀ ଇଂ ରାମକୃଷ୍ଣ ସାହୁ, ପିଇଓ ତନ୍ମୟୀ ପଟ୍ଟନାୟକ, ଯୋଗାଣ ସହାୟକ, ଏବିଇଓଙ୍କ ସମସ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତି ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟ ସମସ୍ୟା ରାସ୍ତାର ଉନ୍ନତିକରଣ, ପ୍ରାଥମିକ ଶିକ୍ଷାର ବିକାଶ, ପଶୁପାଳନ ନିମନ୍ତେ ଲୋକଙ୍କୁ ପ୍ରୋତ୍ସାହନ, ରାସନ କାର୍ଡର ସଂଶୋଧନ, ଆବାସ ଯୋଜନା ନୂତନ ତାଲିକା ପ୍ରସ୍ତୁତ, ସୁଭଦ୍ରା ଯୋଜନା ଭଳି ୧୨୦ଟି ଅଭିଯୋଗର ଶୁଣାଣି ହୋଇଥିଲା ।

## ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଶିଶୁଉଦ୍ୟାନ



କୁକୁଡ଼ାଖଣ୍ଡି,୧୬ ।୩(ସମିସ): ଶିଶୁଙ୍କ ଅନ୍ତର୍ନିହିତ ବିକାଶ ଓ ମନୋରଞ୍ଜନ ଲାଗି ସରକାର ଗ୍ରାମାଞ୍ଚଳରେ ଶିଶୁ ଉଦ୍ୟାନ ନିର୍ମାଣ କରିଛନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କୁକୁଡ଼ାଖଣ୍ଡି ପଞ୍ଚାୟତରେ। ସୂଚନାନୁସାରେ ୨୦୨୧ରେ କୁକୁଡ଼ାଖଣ୍ଡି ପଞ୍ଚାୟତର ଶିବ ମନ୍ଦିର ନିକଟରେ ଏକ ଶିଶୁ ଉଦ୍ୟାନ ନିର୍ମାଣ ହୋଇଥିଲା। ଏହାକୁ ୨୦୨୧ ମସିହା ଅକ୍ଟୋବର ମାସ ୭ ତାରିଖରେ ତତ୍କାଳୀନ ବାଚସ୍ପତି ସ୍ୱର୍ଗତ ସୂର୍ଯ୍ୟନାରାୟ ପାତ୍ରଙ୍କ ଦ୍ୱାରା ଉଦଘାଟନ ହୋଇଥିଲା। ଏକ ଲକ୍ଷ ୪୮ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ ହୋଇଥିଲା। ଇତିମଧ୍ୟରେ ପାଞ୍ଚ ବର୍ଷ ବିତିଗଲାଣି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଶିଶୁଙ୍କ ଲାଗି ନର୍ମାଣ ହୋଇଥିବା ଉଦ୍ୟାନ ଏବେ ସେମାନଙ୍କ ଅଲୋଡ଼ା ହୋଇପଡିଛି । ପାର୍କରେ ନିର୍ମାଣ କରାଯାଇଥିବା ସରଞ୍ଜାମ ଗୁଡ଼ିକ ନଷ୍ଟ ହେଇ ପଡିରହିଛି । ସେହିପରି ପଡ଼ିଆରେ ଫୁଲ ଗଛ ବଦଳରେ ଆବର୍ଜନା ରାଜୁତି କରୁଛି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭଞ୍ଜ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



କବିସୂର୍ଯ୍ୟନଗର,୧୬ ।୩(ସମିସ): ସ୍ଥାନୀୟ ତ୍ରିନାଥ ନଗରରେ ଦୁଇ ଦିନିଆ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲ ମହୋତ୍ସବର ସୋମବାର ଥିଲା ଉଦଯାପନ ଦିବସ। ଉଦଯାପନ ମହୋତ୍ସବର ମୁଖ୍ୟ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଜ୍ଞାନ ବିଭାଗ ପ୍ରଫେସର ଡ଼.ମୃତ୍ୟୁଞ୍ଜୟ ସ୍ୱାଇଁ, ମୁଖ୍ୟବକ୍ତା ପୁରୁଷୋତ୍ତମପୁର ତାରାତାରିଣୀ ବିଜ୍ଞାନ କଲେଜର ପଦାର୍ଥ ବିଜ୍ଞାନ ମୁଖ୍ୟ ଡ଼.ସୁବ୍ରତ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଏବିଇଓ ମାଧବ ଚନ୍ଦ୍ର ବେହେରା, ସିଆରସିସି ରବିନାରାୟଣ ବେହେରା, ପି. କେ ଚୌଧୁରୀ, ବିଶ୍ୱନାଥ ରାଉତ, ଗୋପାଳକୃଷ୍ଣ ମିଶ୍ର, କୈଳାସ ସିଂ, ସନ୍ତୋଷ ସାମଲ, ଅରୁଣ ବିଷୋୟୀ, ସଞ୍ଜୟ ସ୍ୱାଇଁ, ଅମୂଲ୍ୟ ଚରଣ ଦାସ, ସୋମନାଥ ପଟ୍ଟନାୟକ, ଦାମୋଦର ପ୍ରଧାନ ଓ ଲାୟନ୍ସ କ୍ଲବ ସଭାପତି ଇଂ. କୃପାସିନ୍ଧୁ ସ୍ୱାଇଁ ମଞ୍ଚାସୀନ ଅତିଥି ଥିଲେ। ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରିନ୍ସପାଲ ତଥା ସେକ୍ରେଟାରୀ ବିଦେଶୀ ଖଟେଇଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସ୍କୁଲ ଚେୟାରମ୍ୟାନ ରୁମା ପୋଲାଇ ଶିକ୍ଷା ଦିଗରେ ଏହି ଅନୁଷ୍ଠାନ ପିଲାଙ୍କ ଭବିଷ୍ୟତ ନିର୍ମାଣ ସହ ସଂସ୍କାରିତ ହେବାରେ ଯତ୍ନଶୀଳ ହୋଇପାରିଛି ବୋଲି କହିଥିଲେ। ଶିକ୍ଷକ ଗୋବିନ୍ଦ ପାତ୍ର, ନାରାୟଣ ପାଢ଼ୀ ଓ ସମୀର ସାହୁ ସହଯୋଗ କରିଥିଲେ।

## ମୁରବିଶୂନ୍ୟ ବେଲଗୁଣ୍ଠା ଶିକ୍ଷା ବିଭାଗ



ବେଲଗୁଣ୍ଠା,୧୬ ।୩(ସମିସ): ବେଲଗୁଣ୍ଠା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ବିଦ୍ୟାଳୟସ୍ତର ପର୍ଯ୍ୟନ୍ତ କିଛି କିଛି ସମସ୍ୟା ଲାଗି ରହିଛି । ପ୍ରାୟ ଏକ ବର୍ଷ ହେବ ବେଲଗୁଣ୍ଠାରେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ନଥିବା ବେଳେ ଭଞ୍ଜନଗର ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ସେହିପରି କାର୍ଯ୍ୟାଳୟରେ ତିନୋଟି ଏବିଇଓ ପଦବୀ ମଧ୍ୟରୁ ଗତବର୍ଷ ଦୁଇଜଣ ଏବିଇଓ ଅବସର ଗ୍ରହଣ କରି ସାରିଥିବାରୁ ଦୁଇ ଜଣ ବରିଷ୍ଠ ଶିକ୍ଷକ ଭାରପ୍ରାପ୍ତ ଏବିଇଓ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଆସନ୍ତା ମାସରେ ଆଉ ଜଣେ ଏବିଇଓ ମଧ୍ୟ ଅବସର ଗ୍ରହଣ କରିବାର ସୂଚନା ରହିଛି। ସ୍ଥାୟୀ ଅଧିକାରୀଙ୍କ ବିନା ବିଦ୍ୟାଳୟ ଗୁଡ଼ିକର ବିଭିନ୍ନ ସମସ୍ୟା ପରିଚାଳନାର ବିଭ୍ରାଟ ସୃଷ୍ଟି ହେବା ସ୍ୱାଭାବିକ ଓ ବ୍ଲକର ସତୁରୀ ପ୍ରତିଶତ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ ନାହାଁନ୍ତି। ବହୁ ବିଦ୍ୟାଳୟରେ ବର୍ତ୍ତମାନ ମଧ୍ୟ ଶ୍ରେଣୀଗୃହ ସମସ୍ୟା ଏବଂ ପାନୀୟ ଜଳ ସମସ୍ୟା ଲାଗି ରହିଛି। ସେହିପରି ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ପ୍ରାୟ ଏକ ବର୍ଷ ହେବ ଶିଶୁ ବାଟିକା ଶ୍ରେଣୀ ଯୋଗ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଶିଶୁ ସେବିକା ନିଯୁକ୍ତି ହୋଇନଥିବାରୁ ଏହା ଶିକ୍ଷକଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅତିରିକ୍ତ ଚାପ ସୃଷ୍ଟି କରୁଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପ୍ରଶାସନ ଏବଂ ଓରମାସ୍‌ର ଉଦ୍ୟମ
## ଟମାଟୋ ଚାଷୀଙ୍କୁ ମିଳିଲା ଆଶ୍ୱସ୍ତି

ଛତ୍ରପୁର,୧୬ ।୩(ସମିସ)



ଯେତେବେଳେ କୌଣସି ପରିବାର ପ୍ରଚୁର ଉତ୍ପାଦନ ହୁଏ, ସେତେବେଳେ ତାହାର ବଜାର ମୂଲ୍ୟ ବହୁତ କମିଯାଇଥାଏ। ଫଳରେ ଚାଷୀମାନେ ତାଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇପାରନ୍ତି ନାହିଁ। ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଟମାଟୋର ଅଧିକ ଉତ୍ପାଦନ ହେବାରୁ ବଜାର ଦର ହଠାତ୍ କମି ଯାଇ ପ୍ରତି କିଲୋଗ୍ରାମକୁ ୨ରୁ ୩ ଟଙ୍କା ପର୍ଯ୍ୟନ୍ତ ହୋଇଯାଇଥିଲା । ସଠିକ୍ ବଜାର ସଂଯୋଗ ନଥିବାରୁ ଅନେକ ଚାଷୀ ବାଧ୍ୟ ହୋଇ ନିଜ ଉତ୍ପାଦନକୁ ଅତ୍ୟନ୍ତ କମ୍ ଦରରେ ବିକ୍ରୟ କରୁଥିଲେ କିମ୍ବା କେତେକ ସ୍ଥାନରେ ଟମାଟୋକୁ ଅମଳ ନ କରି ବିଲରେ ଛାଡ଼ି ଚାଲିଯାଉଥିଲେ। ଚାଷୀମାନଙ୍କ ଏହି ସମସ୍ୟା ସମ୍ବନ୍ଧରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଗଣମାଧ୍ୟମ ଓ ଅନ୍ୟାନ୍ୟ ଜରିଆରେ ଅବଗତ ହେବା କ୍ଷଣି ଚାଷୀମାନଙ୍କୁ ଏହି ସମସ୍ୟାରୁ ଯଥାଶୀଘ୍ର ମୁକୁଳେଇବାକୁ ଓରମାସକୁ ଆବଶ୍ୟକ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଓରମାସର ଜିଲ୍ଲା କର୍ତ୍ତୃପକ୍ଷ ଟମାଟୋ ଦର ସ୍ଥିର କରିବା ସହିତ ଚାଷୀମାନଙ୍କୁ ଯଥୋଚିତ ମୂଲ୍ୟ ପାଇବାରେ ସହଯୋଗ କରୁଛନ୍ତି । ଓରମାସ ସହାୟତାରେ ଭାରତ ମସଲା (ପ୍ରୋସେସିଂ କମ୍ପାନୀ) ସହ ଏକ ବଜାର ସଂଯୋଗ ସୃଷ୍ଟି କରିଛି। ଏହି ପଦକ୍ଷେପ ମାଧ୍ୟମରେ ଜିଲ୍ଲାରେ କାର୍ଯ୍ୟରତ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ମାନଙ୍କ ମାଧ୍ୟମରେ ଚାଷୀମାନଙ୍କ ପାଖରୁ ସିଧାସଳଖ ଭାବରେ ଟମାଟୋ କ୍ରୟ କରାଯାଇ ଉକ୍ତ କମ୍ପାନୀକୁ ବିକ୍ରୟ କରାଯାଉଛି। ଏହାର ଫଳରେ ଚାଷୀମାନେ ପ୍ରତି କିଲୋଗ୍ରାମ ଟମାଟୋ ଏବେ ୬ ଟଙ୍କା ଦରରେ ବିକ୍ରୟ କରିପାରୁଛନ୍ତି, ଯାହା ତାଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ସହିତ ଚାଷୀମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଛି ।

## ନୀଳକଣ୍ଠେଶ୍ୱର ଅଣ୍ଡର୍-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ବେଲଗୁଣ୍ଠା ଟିମ ଚାମ୍ପିଅନ୍



ବେଲଗୁଣ୍ଠା,୧୬ ।୩(ସମିସ): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମ ଖେଳପଡ଼ିଆରେ ନୀଳକଣ୍ଠେଶ୍ୱର ଅଣ୍ଡର୍ –୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସିଜନ୍ ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରତ୍ୟେକ ମ୍ୟାଚ ୫ ଓଭର ବିଶିଷ୍ଟ ଥିଲା। ସରପଞ୍ଚ କମଳ ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମହନ୍ତ ରାମକୃଷ୍ଣ ଦାସ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଦୈତାରୀ ମହାରଣା ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ମଦନ ମୋହନ ସ୍ୱାଇଁ ଓ ନାଟ୍ୟ ନିର୍ଦ୍ଦେଶକ ଜୟନ୍ତ ବେହରା ପ୍ରମୁଖ ଉପସ୍ଥିତ ରହି କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ । ଫାଇନାଲ୍ ମ୍ୟାଚରେ ବେଲଗୁଣ୍ଠା ଟିମ ଦୃଢ଼ ପ୍ରଦର୍ଶନ କରି ଖଇରପୁଟି ଟିମକୁ ୮ ୱିକେଟରେ ପରାସ୍ତ କରି ବିଜୟ ହାସଲ କରିଛି। ଟୁର୍ଣ୍ଣାମେଣ୍ଟର ଉଦଯାପନୀ କାର୍ଯ୍ୟକ୍ରମରେ ଟିମର ପୂର୍ବତନ ସଦସ୍ୟ ନାରାୟଣ ନାଇକ ଓ ଶିବ ପ୍ରସାଦ ପାତ୍ର ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ଟିମର ସଦସ୍ୟ ବସନ୍ତ ବେହରା, ନୀଳକଣ୍ଠ ବେହରା, ପ୍ରଭାତ ବେହରା, ଅନିଲ ପୋଲାଇ, ଆଶିଷ ଜେନା, ଯୁବରାଜ ଜେନା, ଶୁଭମ ବେହରା, ବିଶୁ ଗୌଡ଼ ଓ ବାଦଲ ଜେନା ପ୍ରମୁଖ ସହଯୋଗ କରିଥିଲେ।

